# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 29th September – 2025

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତା ୩ ବର୍ଷରେ ନିର୍ମାଣ ହେବ ୨ ହଜାର ୨୦୦ଟି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ।

— ଘଟଗାଁ ତାରିଣୀ ପୀଠର ସମ୍ପୂର୍ଣ୍ଣ ବିକାଶ ପାଇଁ ୨୨୬ କୋଟି ଟଙ୍କାର ବ୍ୟୟ ବରାଦକୁ କ୍ୟାବିନେଟ୍‌ର ମଞ୍ଜୁରି ।

- ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାବେ ନିଯୁକ୍ତ ହେଲେ ଶିରୀଶ ଚନ୍ଦ୍ର ମୁର୍ମୁ ।

- ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଚାଲିଛି ମହାଷ୍ଟମୀ ପୂଜା; ଆସନ୍ତାକାଲି ଆରମ୍ଭ ହେବ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା ।

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି ।

***BBSR/R***

# କ୍ୟାବିନେଟ୍ ବୈଠକ

ରାଜ୍ୟ କ୍ୟାବିନେଟ୍‌ର ୨୭ତମ ବୈଠକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ବିକାଶ ସହ ଜଡ଼ିତ ୩ଟି ବିଭାଗର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଶ୍ରମ ବିଭାଗର ବାଣିଜ୍ୟ ପ୍ରତିଷ୍ଠାନ ଆଇନ ୧୯୫୬, କାରଖାନା ଆଇନ ୧୯୪୮ର ୬୩ତମ ଆଇନ ସଂଶୋଧନ କରାଯାଇଛି। ମହିଳା କର୍ମଚାରୀଙ୍କ ସମ୍ମତିପତ୍ର ଆଧାରରେ ସେମାନେ ରାତିରେ କାର୍ଯ୍ୟ କରିପାରିବେ। ସେହିଭଳି କର୍ମଚାରୀମାନଙ୍କର ଦୈନିକ କାର୍ଯ୍ୟନିର୍ଘଣ୍ଟ ଅବଧିକୁ ସରକାର ୯ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିଛନ୍ତି। ସପ୍ତାହକୁ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କଲେ କର୍ମଚାରୀଙ୍କୁ ଅଧିକ ପାରିଶ୍ରମିକ ଦିଆଯିବ।

ଗଣଶିକ୍ଷା ବିଭାଗର ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଅଧୀନରେ ଗ୍ରାମପଞ୍ଚାୟତ ସ୍ତରରେ ଆଦର୍ଶ ବିଦ୍ୟାଳୟର ବିକାଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୨୦୦ଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ୧୨ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ପୂର୍ତ୍ତ ବିଭାଗ ଅଧୀନରେ ଘଟଗାଁ ତାରିଣୀ ପୀଠ ପାରିପାର୍ଶ୍ୱିକ ବିକାଶ ପାଇଁ ୧୪୬ କୋଟି ଟଙ୍କାର କାର୍ଯ୍ୟାଦେଶକୁ ଅନୁମୋଦନ କରାଯାଇଛି । ୫୯ ଏକର ପରିମିତ ଅଞ୍ଚଳରେ ୨ ବର୍ଷ ମଧ୍ୟରେ ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ୨୨୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

***Desk***

# ଆର୍.ବି.ଆଇ. ଡେପୁଟୀ ଗଭର୍ଣ୍ଣର

କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ଭାବେ ଶିରୀଶି ଚନ୍ଦ୍ର ମୁର୍ମୁଙ୍କୁ ନିଯୁକ୍ତି ଦେଇଛନ୍ତି। ଶ୍ରୀ ମୁର୍ମୁ ଆସନ୍ତା ମାସ ୯ ତାରିଖରେ ଦାୟିତ୍ୱ ଗ୍ରହଣ କରିବା ସହ ଏହି ପଦବିରେ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ରହିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ନୂତନ ଭାବେ ନିଯୁକ୍ତି ପାଇଥିବା ଡେପୁଟି ଗଭର୍ଣ୍ଣର ଶ୍ରୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆର୍.ବି.ଆଇ.ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ତାଙ୍କର ଦୀର୍ଘଦିନର ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ଦେଶର ଆର୍ଥିକ ବ୍ୟବସ୍ଥା ଓ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି।

# ଦୁର୍ଗାପୂଜା

ଦୁର୍ଗାପୂଜା ପାଇଁ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ କହିଛନ୍ତି । ପୂଜାରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି, ରାଜଧାନୀର ୨୪ଟି ମଣ୍ଡପରେ ମା'ଙ୍କ ମୂର୍ତ୍ତିରେ ସୁନା ଓ ରୁପାର ଅଳଙ୍କାର ବ୍ୟବହୃତ ହେଉଥିବାରୁ ୪ଟି ଡ୍ରୋନ୍ ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ୍ କରାଯାଉଛି । ମହିଳାମାନଙ୍କ ସୁରକ୍ଷା ପାଇଁ କମିଶନରେଟ୍ ପୁଲିସ୍‌ର 'ହର୍ ଟିମ୍' ନିୟୋଜିତ ହୋଇଥିବାବେଳେ ମୋବାଇଲ୍ ପାଟ୍ରୋଲିଂକୁ ବ୍ୟାପକ କରାଯାଇଛି । ରାଜଧାନୀବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇ ଷ୍ଟ୍ରାଇକିଂ ଫୋର୍ସ, ସ୍ପେଶାଲ ଟାକ୍ଟିକାଲ୍ ୟୁନିଟ୍, ବୋମା ନିଷ୍କ୍ରିୟକାରୀ ଦଳଙ୍କୁ ମୁତୟନ କରାଯାଇଛି । ଟ୍ରାଫିକ୍ ନିୟନ୍ତ୍ରଣପାଇଁ ୧୫ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବାବେଳେ ମହାନଗରର ୧୯୩ଟି ପୂଜାମଣ୍ଡପରେ ଲୋକଙ୍କ ସୁରକ୍ଷା ପାଇଁ ୩ ପ୍ଲାଟୁନ୍ କେନ୍ଦ୍ରୀୟ ସଶସ୍ତ୍ର ବଳ ସହ ୬୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିବା ଶ୍ରୀ ସିଂହ କହିଛନ୍ତି ।

*Desk*

# କଟକ ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକର' ଉପର ପଡ଼ିଆରେ ଆୟୋଜନ ପ୍ରସଙ୍ଗ ନେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଆବାସିକ ବାସଭବନରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜନପ୍ରତିନିଧିମାନେ ଉପର ପଡ଼ିଆରେ ବାଲିଯାତ୍ରାର ଆୟୋଜନ ସପକ୍ଷରେ ମତ ରଖିଛନ୍ତି। ଆସନ୍ତା ୯ ତାରିଖରେ ହାଇକୋର୍ଟରେ ବାଲିଯାତ୍ରା ଆୟୋଜନ ନେଇ ଶୁଣାଣି ହେବ। ଶୁଣାଣି ସମୟରେ ଜନପ୍ରତିନିଧିମାନଙ୍କ ମତାମତକୁ ହାଇକୋର୍ଟଙ୍କ ଆଗରେ ଉପସ୍ଥାପନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସିନ୍ଧେ କହିଛନ୍ତି।

***Voice :.............***

***Desk, Cuttack, Nuapada, Kalahandi, Nabarangpur, Boudh/R***

# ମହାସପ୍ତମୀ

ନବରାତ୍ରୀ ପାଳନ ଅବସରରେ ଆଜି ରାଜ୍ୟର ଶକ୍ତିପୀଠଗୁଡ଼ିକରେ ମହାଷ୍ଟମୀ ପୂଜା ଏବଂ ପୂଜାମଣ୍ଡପଗୁଡ଼ିକରେ ମୃଣ୍ମୟୀ ପ୍ରତିମାଙ୍କ ସପ୍ତମୀ ପୂଜା ଅବସରରେ ଦେବୀ ଦୁର୍ଗା ମହାଗୌରୀ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ଓଡ଼ିଶାର ଅନ୍ୟତମ ଶକ୍ତିପୀଠ ବାଙ୍କିର ମା’ ଚର୍ଚ୍ଚିକା ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଉଛି । ଆଜି ମା’ଙ୍କ ମହିଷାମର୍ଦ୍ଦିନୀ ବେଶ ଦର୍ଶନ ପାଇଁ ପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

ଶାରଦୀୟ ଦୁର୍ଗାପୂଜାପାଇଁ ଦ୍ୱୈତ୍ୟନଗରୀ କଟକ-ଭୁବନେଶ୍ୱର ଆଜି ଉତ୍ସବମୁଖର ହୋଇଛି । ସହରର ବିଭିନ୍ନ ମଣ୍ଡପରେ ମହାସପ୍ତମୀ ପୂଜା ଅନୁଷ୍ଠିତ ହେଉଥିବାବେଳେ ଶକ୍ତିପୀଠ ଗଡ଼ଚଣ୍ଡୀ ଓ କଟକଚଣ୍ଡୀ ମନ୍ଦିରରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହେଉଛି । ସପ୍ତମୀ ପୂଜାବିଧି ଅନୁଯାୟୀ ମା’ଙ୍କୁ ନଦୀକୂଳରୁ ଅନୁକୂଳ କରାଯିବା ପରେ ପାଲିଙ୍କି ଶୋଭାଯାତ୍ରାରେ ଅଣାଯାଇ ମଣ୍ଡପରେ ଅବସ୍ଥାପିତ କରାଯାଇଛି । ଆଜି ମା’ଙ୍କ ଚକ୍ଷୁଦାନ ପରେ ପୂଜା ଆରମ୍ଭ ହୋଇଛି ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅନୁପ ସିଂହଦେଓ ଛକରେ ମା’ ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି । ଆଜି ମହାସପ୍ତମୀରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ମଣ୍ଡପରେ ମା’ଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରୁଛନ୍ତି ।

କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣାରେ ୧୧ଟି ପୂଜାମଣ୍ଡପରେ ମା’ ଦୁର୍ଗାଙ୍କ ମୃଣ୍ମୟମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଚାଲିଛି ।

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ସହରରେ ଚଳିତବର୍ଷ ବସ୍‌ଷ୍ଟାଣ୍ଡ ସାର୍ବଜନୀନ ପୂଜାକମିଟି ପକ୍ଷରୁ ପୁରୀ ଶ୍ରୀଜଗନ୍ନାଥ ଧାମ ଢାଞ୍ଚାରେ ନିର୍ମିତ

ତୋରଣ ଏବଂ ଶ୍ରୀ ଶ୍ରୀ ଶ୍ରୀ ଦୁର୍ଗାପୂଜା କମିଟି ପକ୍ଷରୁ ଉତ୍ତର ପ୍ରଦେଶର ପ୍ରେମ୍‌ମନ୍ଦିର ଢାଞ୍ଚାରେ ନିର୍ମିତ ତୋରଣ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ।

ବୌଦ୍ଧ ସହରର ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ପ୍ରାଣପ୍ରତିଷ୍ଠା ସହ ଆଜି ମହାସପ୍ତମୀ ପୂଜା ଚାଲିଛି । ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ପୀଠରେ ମହାଷ୍ଟମୀ ପୂଜା ପାରମ୍ପରିକ ରୀତିରେ ଆରମ୍ଭ ହୋଇଛି ।

ସୁବର୍ଣ୍ଣପୁର ଜିଲ୍ଲାର ଶତାଧିକ ମଣ୍ଡପରେ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ଧୁମ୍‌ଧାମ୍‌ରେ ଚାଲିଛି ।

***Kalahandi/R***

## ଛତର ଯାତ୍ରା

କଳାହାଣ୍ଡିର ଆରାଧ୍ୟାଦେବୀ ମା' ମାଣିକେଶ୍ୱରୀଙ୍କ ପୀଠରେ ଆସନ୍ତାକାଲି ଛତରଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ଭବାନୀପାଟଣା ସହର ଚଳଚଞ୍ଚଳ ହୋଇଉଠିଛି । ବିଧି ଅନୁସାରେ ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ଦିନ ଭବାନୀପାଟଣା ରାଜପ୍ରାସାଦରେ ଥିବା ମା' ମାଣିକେଶ୍ୱରୀଙ୍କ ପୀଠରେ ମୁଣ୍ଡବସାଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ । ମହାଷ୍ଟମୀ ରାତିରେ ଗୁପ୍ତପୂଜା ସହ ମହାନବମୀର ପ୍ରାତଃକାଳରେ ମା'ଙ୍କ ବିଜୟ ପ୍ରତିମା ଛତର ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥା'ନ୍ତି । ଛତରଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

***Desk***

# ସେବାପର୍ବ - ସମୁଦ୍ରାୟନ

**Seba Parba Opening- ST**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର ଭାରତର ପ୍ରଥମ ମାନବଯୁକ୍ତ ଗଭୀର ସମୁଦ୍ର ଅଭିଯାନ - ସମୁଦ୍ରାୟନ ପ୍ରକଳ୍ପ ମାଧ୍ୟମରେ ନେଇଥିବା ପଦକ୍ଷେପ ସମ୍ପର୍କରେ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ଦଶନ୍ଧି ଧରି ଭାରତ ଅନୁସନ୍ଧାନ ସହ ଜଡ଼ିତ ବିଭିନ୍ନ କ୍ଷେତ୍ରରେ ମାଇଲଖୁଣ୍ଟ ହାସଲ କରିଛି । ଗଭୀର ସମୁଦ୍ର ଅଭିଯାନ - ସମୁଦ୍ରାୟନ ପ୍ରକଳ୍ପ ମାଧ୍ୟମରେ ଭାରତର ପ୍ରଥମ ମାନବଯୁକ୍ତ ଏହି ମିଶନ ଅନ୍ୟତମ । ୨୦୨୧ ମସିହାରେ ଗଭୀର ସମୁଦ୍ରରେ ଅନୁସନ୍ଧାନ ପାଇଁ ଆରମ୍ଭ ହୋଇଥିବା ଏହି ମିଶନ ସମୁଦ୍ର ସମ୍ପଦ ଉପରେ ଧ୍ୟାନ କେନ୍ଦ୍ରିତ କରି ନୀଳ ଅର୍ଥନୀତିକୁ ସୁଦୃଢ଼ କରିଛି । ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଏହି ମିଶନର ଘୋଷଣା କରିଥିଲେ, ଯାହାର ଲକ୍ଷ୍ୟ ସମୁଦ୍ରରେ ତୈଳ ଏବଂ ଗଚ୍ଛିତ ପ୍ରାକୃତିକ ଗ୍ୟାସ୍‌ର ଅନୁସନ୍ଧାନ କରିବା । ଏହାକୁ ସମୁଦ୍ର ମନ୍ଥନ ବୋଲି ଅଭିହିତ କରି ଶ୍ରୀ ମୋଦି କହିଛନ୍ତି, ପଦକ୍ଷେପଟି ମିଶନ୍ ମୋଡ୍

କାର୍ଯ୍ୟକାରୀ ହେବ ଏବଂ ଶକ୍ତିକ୍ଷେତ୍ରରେ ଆତ୍ମନିର୍ଭରଶୀଳତାପାଇଁ ଭାରତର ପ୍ରୟାସକୁ ସଶକ୍ତ କରିବ ।

***Voice (PM)*** :..........

ସ୍ୱଦେଶୀ ଗଭୀର ସମୁଦ୍ର ପ୍ରଯୁକ୍ତିବିଦ୍ୟା ବିକାଶରେ ଦେଶ ଉଲ୍ଲେଖନୀୟ ଅଗ୍ରଗତି ଲାଭ କରିଛି । ସମୁଦ୍ରର ଗଭୀରତାରେ ପ୍ରବେଶ କରି ଭାରତ କେବଳ ଖଣିଜ ପଦାର୍ଥ, ଜୈବ ବିବିଧତା ଏବଂ ଶକ୍ତିର ବିଶାଳ ଭଣ୍ଡାରକୁ ଉନ୍ମୋଚନ କରି ନାହିଁ; ବରଂ ଉନ୍ନତ ଗଭୀର ସମୁଦ୍ର ଅନୁସନ୍ଧାନ କ୍ଷେତ୍ରରେ ଅନ୍ୟ ରାଷ୍ଟ୍ର ମଧ୍ୟରେ ନିଜର ଉପସ୍ଥିତିକୁ ଜାହିର କରିପାରିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ ।

**Seba Parba Closing**

***Met. O.***

# ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି ।  ଆସନ୍ତା ୨୪ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବାନେଇ ୨୦ଟି ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଆସନ୍ତାକାଲି ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ବୁଧବାର ଦିନ ଉତ୍ତର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି ।

******